# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th September – 2025

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ଦୁର୍ଘଟଣା ଶୂନ୍ୟ ରାଜ୍ୟଭାବେ ଗଢ଼ିବା ପାଇଁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ
- ନୂଆପଡ଼ା ଉପ ନିର୍ବାଚନ ପୂର୍ବରୁ ସଂକ୍ଷିପ୍ତ ସଂଶୋଧନ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି
- ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା

Keonjhar

# ମୁଖ୍ୟମନ୍ତ୍ରୀ- ଶୂନ୍ୟ ଦୁର୍ଘଟଣା ଦିବସ

ସୁରକ୍ଷା କେବଳ ସରକାରଙ୍କର ନୁହେଁ ଏହା ପ୍ରତିଟି ବ୍ୟକ୍ତିଙ୍କର ସାମୂହିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଗସ୍ତରେ ଯାଇ ରାଜ୍ୟସ୍ତରୀୟ ୧୪ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱରରେ ଶୂନ୍ୟ ଦୁର୍ଘଟଣା ଦିବସର ସଫଳତା ପରେ କେନ୍ଦୁଝର ଏହି ଅଭିଯାନକୁ ଆଗେଇ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ହୋଇଛି। ଓଡ଼ିଶାକୁ ଦୁର୍ଘଟଣା ଶୂନ୍ୟ ରାଜ୍ୟଭାବେ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେବା ସହ ସଚେତନତା ବାର୍ତ୍ତାକୁ ଘରେ ଘରେ ପହଁଞ୍ଚାଇବା ପାଇଁ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସୁରକ୍ଷିତ ଗାଡ଼ି ଚଳାଇବା, ସୁରକ୍ଷିତ ଘରକୁ ଫେରିବା' ବାର୍ତ୍ତା ନେଇ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ପହଁଞ୍ଚାଇବା ପାଇଁ ଆଇ.ଆଇ.ଟି.ମାଡ୍ରାସର ବୈଷୟିକ ସହାୟତା ନିଆଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୩ଟି ସୁରକ୍ଷା ସଚେତନତା ରଥ ଏବଂ ମାସ୍କଟର ଶୁଭାରମ୍ଭ କରିଥିଲେ। ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଁଞ୍ଚାଇବା କାର୍ଯ୍ୟ କରିଥିବା ବ୍ୟକ୍ତି ଏବଂ ସାମାଜିକ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ।

BBSR/R

## ନୂଆପଡ଼ା ନିର୍ବାଚନ

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା (୨୧) ଅନୁଯାୟୀ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମତଦାନ କେନ୍ଦ୍ରର ପୁନଃ ବ୍ୟବସ୍ଥାପନ ଆସନ୍ତାକାଲି ସୁଦ୍ଧା କରାଯିବା ପାଇଁ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସୋମବାରରୁ ୨୯ ତାରିଖ ମଧ୍ୟରେ ବିଭିନ୍ନ ଦାବି ଓ ଆପତ୍ତି ଅଭିଯୋଗର ଦାଖଲ ସମୟସୀମା ଧାର୍ଯ୍ୟ କରାଯାଇଛି। ସେହିପରି ଅକ୍ଟୋବର ୭ ତାରିଖ ସୁଦ୍ଧା ଏ ସବୁର ସମାଧାନ କରାଯାଇ ୯ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

Samablpur

## ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୬ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡକ୍ଟର ହରିବାବୁ କମ୍ଭମପାଟି ଯୋଗ ଦେଇଥିଲେ। ଏହି ଅବସରରେ ଇଞ୍ଜିନିୟରିଂ, ବିଜ୍ଞାନ, ସ୍ଥାପତ୍ୟ କଳା ଏବଂ ହ୍ୟୁମାନିଟି ଆଦି ବିଭିନ୍ନ ଶାଖାର ସ୍ନାତକ, ସ୍ନାତକତ୍ତୋର ଏବଂ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଚଳିତ ବର୍ଷ ମୋଟ ୧ ହଜାର ୨୨୦ ଛାତ୍ରଛାତ୍ରୀ ଭିସୁଟ୍‌ର ବିଭିନ୍ନ ଏକାଡେମୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ

ଚାକିରି ନ କରି’ ଚାକିରି ଦାତା ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

**- V/O –**

CTC/Voice

# ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି । ଏହି ପଦକ୍ଷେପ ଦ୍ୱାରା ଦୁର୍ବଳ, ନିମ୍ନମଧ୍ୟବିତ୍ତ ଏବଂ ସବୁବର୍ଗର ଲୋକ ଉପକୃତ ହୋଇପାରିବେ । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଲୋକଙ୍କ ଆବଶ୍ୟକ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚିକିତ୍ସା ପାଇଁ ଔଷଧ ଏବଂ ଚିକିତ୍ସା ଉପକରଣରେ ଜିଏସ୍‌ଟି ପରିମାଣ ହ୍ରାସ କରାଯାଇଥିବାରୁ ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ନୂତନ ଜିଏସଟି ନୀତିକୁ କଟକ ଜିଲ୍ଲାର ବିଭିନ୍ନ ବର୍ଗର ଲୋକେ ସ୍ୱାଗତ କରିଛନ୍ତି ।  ଏ ସମ୍ପର୍କରେ **ପ୍ରଦୀପ ପଟ୍ଟନାୟକ** ଆକାଶବାଣୀକୁ ପ୍ରତିକ୍ରିୟାରେ କହନ୍ତି....

**- V/O –**

CTC/Subarnpur/N.garh/B.garh/Boudh/K.handi/G.pati/M.giri/G.jam/K.para/N.rangpur

# ରାଷ୍ଟ୍ରୀୟ ଲୋକ ଅଦାଲତ

ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ଆଜି ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ  ଅନୁଷ୍ଠିତ ହୋଇଯାଇଛି ।

ପାରିବାରିକ, ମୋଟର ଦୁର୍ଘଟଣା, ଏନ୍.ଆଇ ଆକ୍ଟ ପ୍ରଭୃତି ବିଭିନ୍ନ କିସମର ୧ ଲକ୍ଷରୁ ଊର୍ଦ୍ଧ୍ୱ ମାମଲାର ଆଜି ଶୁଣାଣି ହୋଇଥିଲା।

କଟକ ଜିଲ୍ଲା ଦୌରାଜଜ୍ କୋର୍ଟ ପରିସରରେ ଏବଂ ତାଲୁକ ସ୍ତରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ମୋଟ ୩୦ ହଜାର ୩୮୦ଟି ମୋକଦ୍ଦମାରୁ ୧୧ ହଜାର ୯୩୯ଟି ମାମଲାର ସମାଧାନ କରାଯାଇଥିଲା।

ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ଆଇନସେବା କମିଟି ପକ୍ଷରୁ ଆୟୋଜିତ ଲୋକ ଅଦାଲତରେ ୫୬ଟି ମାମଲାର ସମାଧାନ କରାଯାଇ ମୋଟ ୫୮ ଲକ୍ଷ ୩୮ ହଜାର ୪୪୫ଟଙ୍କା ଆଦାୟ କରାଯାଇଛି।

ନବରଙ୍ଗପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ୮ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ବାବଦରେ ୧ କୋଟି ୩୮ ଲକ୍ଷ ୪୯ ହଜାର ୬୨୦ ଟଙ୍କା ଆଦାୟ କରାଯାଇଛି।

ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଆୟୋଜିତ ଲୋକ ଅଦାଲତରେ ମୋଟ ୧୬ ହଜାର ୫୧୬ଟି ମୋକଦ୍ଦମାର ଫଇସଲା କରାଯାଇ ଜରିମାନା ବାବଦ ୨୪ ଲକ୍ଷ ୭୨ ହଜାର ୭୬୩ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ନ୍ୟାୟାଳୟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟ ୩ ହଜାର ୪୧୨ଟି ପ୍ରାକ୍ ମୋକଦ୍ଦମାସ୍ତରୀୟ

ମାମଲା ମଧ୍ୟରୁ ୩୩୪ଟି ମାମଲାର ସମାଧାନ କରାଯାଇ ଜୋରିମାନା ବାବଦକୁ ୮୨ ଲକ୍ଷ ୯୭ ହଜାର ୬୨୫ ଟଙ୍କା ଆଦାୟ କରାଯାଇଛି ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତ ସମେତ ବିଭିନ୍ନ ତାଲୁକ ଏବଂ ଗ୍ରାମ୍ୟ କୋର୍ଟରେ ଆଜି ଅନୁଷ୍ଠିତ ଲୋକ ଅଦାଲତରେ ମୋଟ ୨ ହଜାର ୫୧୨ଟି ମାମଲାର ସମାଧାନ କରାଯାଇ ଜରିମାନା ବାବଦକୁ ୩୬ ଲକ୍ଷ ୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି ।

କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୧ ହଜାର ୮୪୧ଟି ମାମଲାର ଫଇସଲା କରାଯାଇଛି ।

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଲୋକ ଅଦାଲତରେ ମୋଟ ୯୪୮ଟି ବିଚାରଧୀନ ମାମଲା ଏବଂ ୫୩ଟି ବ୍ୟାଙ୍କ ସମ୍ପର୍କିତ ମାମଲାର ସମାଧାନ କରାଯାଇଥିଲା ।

ସୁବର୍ଣ୍ଣପୁର ନ୍ୟାୟିକ କୋର୍ଟ ପରିସରରେ ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତର ୭୭୭ଟି ମାମଲାର ବିଚାର କରାଯାଇ ୭୭ ଲକ୍ଷ ୧ ହଜାର ୫୫୪ଟଙ୍କା ଜରିମାନା ଆଦାୟ କରାଯାଇଛି ।

ନୟାଗଡ଼ ଜିଲ୍ଲାର ସମସ୍ତ ବିଚାରବିଭାଗୀୟ ଅଦାଲତ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତେ ହୋଇଯାଇଛି ।

ବରଗଡ଼ ଜିଲ୍ଲା ଅଦାଲତ ପରିସରରେ ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୧୭ଟି ପ୍ରାକ୍ ମୋକଦ୍ଦମା, ୨୮୫ଟି ବିଚାର ବିଭାଗୀୟ ମାମଲାର ଫଇସଲା କରାଯାଇ ୫୨ ଲକ୍ଷ ୩୮ ହଜାର ଟଙ୍କା ଆଦାୟ ହୋଇଛି ।

Puri

## ମତ୍ସ୍ୟ ଚାଷ ପ୍ରଶିକ୍ଷଣ

ରାଜ୍ୟରେ ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ୩ ହଜାର ୫୦୦ କୋଟି ଟଙ୍କା ନିବେଶ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ପରିସରରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଓ ସଚେତନତା ଶିବିରରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ମତ୍ସ୍ୟ ଚାଷୀଙ୍କ ପାଇଁ ଜାଲ ଓ ଡଙ୍ଗାର ବ୍ୟବସ୍ଥା କରାଯିବା ସହ ଆଧୁନିକ ପ୍ରଣାଳୀରେ ମତ୍ସ୍ୟ ଚାଷ ପାଇଁ ପ୍ରଶିକ୍ଷଣ ଦିଆଯିବ ।

ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ଯୁବଚାଷୀମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ପରେ ଉପମୁଖ୍ୟମନ୍ତ୍ରୀ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ସମନ୍ୱିତ କୃଷି ପଦ୍ଧତି ଅନ୍ତର୍ଗତ କୃଷି ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ୪୭ ଜଣ ସଫଳ ଚାଷୀଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ କୃଷି

ଉଦ୍ୟୋଗୀ ଯୋଜନାରେ ମଧ୍ୟ ୨୩ ଜଣ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

Boudh

## ଏକ ପେଡ଼ ମା କେ ନାମ

ବୌଦ୍ଧ ଜିଲ୍ଲାପାଳ ସଦଭାବନା ସଭାଗୃହରେ 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଆସନ୍ତା ବୁଧବାର ଦିନ ହେବାକୁ ଥିବା କାର୍ଯ୍ୟକ୍ରମରେ ଜିଲ୍ଲାରେ ୧ ଲକ୍ଷ ୮୩ ହଜାର ବୃକ୍ଷରୋପଣ ଧାର୍ଯ୍ୟ ଲକ୍ଷ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

Boudh

## ଏକାଭିମୁଖୀ ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଓ ଆଇ.ସି.ଡି.ଏସ୍. ସମ୍ପର୍କିତ ଜିଲ୍ଲାସ୍ତରୀୟ ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲ୍ଲାପାଳ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟସେବାର ଉପଲବ୍ଧ ପାଇଁ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶିବିର ଆୟୋଜନ କରାଯିବ ବୋଲି କହିଛନ୍ତି।

BBSR/R

## ବେଆଇନ ସାମଗ୍ରୀ ଜବତ

ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ ଓ ନିଷିଦ୍ଧ ମାଦକ ଦ୍ରବ୍ୟ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ଦ୍ୱାଦଶ ଦିନରେ ପ୍ରାୟ ୧ କୋଟି ୬୯ ଲକ୍ଷ ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ଜବତ କରାଯାଇଛି। ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ। ବିଭାଗ ପକ୍ଷରୁ ଜାରି ରହିଥିବା ଏହି ସ୍ୱତନ୍ତ୍ର ଅଭିଯାନର ଧାରା ଆଗାମୀ ଦିନରେ ମଧ୍ୟ ଚାଲୁ ରହିବ ବୋଲି କୁହାଯାଇଛି।

MET

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ଓ ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି।  ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।  ଆସନ୍ତା ୭ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।